# ଅଙ୍ଗନୱାଡି ଘର ଭଡା ବାବଦରେ ସରକାର ଦିଅନ୍ତି ୭୫୦ ଟଙ୍କା

ବ୍ରହ୍ମପୁର ଅଫିସ, ୨୯।୯–ସ୍ଥାନୀୟ ଗଞ୍ଜାମ କଳା ପରିଷଦ ଠାରେ ଶନିବାର 'ସମନ୍ୱିତ ଶିଶୁ ବିକାଶ ଯୋଜନାର ସମାଜିକ ସମୀକ୍ଷା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଖାଦ୍ୟ ଅଧିକାର ଅଭିଯାନର ରାଜ୍ୟ ଉପଦେଷ୍ଟା ଶମ୍ଭୁ ସାହୁ ମୁଖ୍ୟ ଅତିଥି, ବ୍ରହ୍ମପୁର ସିଡ଼ିପିଓ–୧ ଶୁଭଶ୍ରୀ ପାତ୍ର, ସିଡ଼ିପିଓ–୨ ବିଦ୍ୟୁତପ୍ରଭା ରଥ ଓ କୁକୁଡ଼ାଖଣ୍ଡି ସିଡ଼ିପିଓ ସଙ୍ଗୀତା ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ଏକ ସର୍ଭେର ରିପୋର୍ଟକୁ ଆଧାର କରି କୁହାଯାଇଛି ଅଧିକ ସଂଖ୍ୟକ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ସେଗୁଡିକ ଭଡ଼ା ଘରେ ଚାଲଛି । ସରକାରଙ୍କ ତରଫରୁ ପ୍ରତି ଘର ଭଡା ବାବଦରେ ମାତ୍ର ୭୫୦ ଟଙ୍କା ମିଳୁଛି । ବ୍ରହ୍ମପୁର ଭଳି ସହରରେ ଏତେ କମ୍ ଟଙ୍କାରେ ଭଲ ଘର ପାଇବା କଷ୍ଟକର ହୋଇଥିବା ଅଙ୍ଗନୱାଡ଼ି କର୍ମୀଙ୍କ ଅଭିଯୋଗ ରହିଛି । ସେଥିପାଇଁ ଅଧିକାଂଶ ସ୍ଥାନରେ ଆବଶ୍ୟକ ମୁତାବକ ପାଠପଢା ରୁମ, ଖେଳ ପଡ଼ିଆ, ରନ୍ଧାଘର, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ପ୍ରାଥମିକ ଔଷଧ ବ୍ୟବସ୍ଥା ନାହିଁ । ଅଙ୍ଗନୱାଡ଼ି କର୍ମୀଙ୍କ ବିରୁଦ୍ଧରେ ମଧ୍ୟ ଲୋକଙ୍କ କେତେକ ଅଭିଯୋଗ ଥିବା ଏଥିରେ ଦର୍ଶା ଯାଇଥିଲା । ଆଲୋଚନାରେ କେତେକ ଅଙ୍ଗନୱାଡ଼ି କର୍ମୀ ଭାଗ ନେଇ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉଲ୍ଲେଖ କରିଥିଲେ ।

# ଶିଶୁବିକାଶ ଯୋଜନାର ସାମାଜିକ ସମୀକ୍ଷା କର୍ମଶାଳା




ବ୍ରହ୍ମପୁର୨୯।୯(ଇମିସ): ସ୍ଥାନୀୟ ଗଂଜାମ କଳାପରିଷଦ ଠାରେ ୟୁଥ ଫର ସୋସିଆଲ ଡେଭଲାପମେଣ୍ଟ ପକ୍ଷରୁ ଆୟୋଜିତ ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନାର ସାମାଜିକ ସମୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂପାଦକ ବିଭୁପ୍ରସାଦ ସାହୁଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ସହରାଞ୍ଚଳ ପ୍ରକଳ୍ପ ଅଧିକାରୀ ଶୁଭଶ୍ରୀ ପାତ୍ର, ବିଧୁପ୍ରଭା ରଥ, କୁକୁଡାଖଣ୍ଡି ପ୍ରକଳ୍ପଅଧିକାରୀ ସଂଗୀତା ପାତ୍ର ଓ ରାଜ୍ୟ ଖାଦ୍ୟଅଭିଯାନର ଉପଦେଷ୍ଟା ଶମ୍ଭୁ ସାହୁ ଯୋଗ ଦେଇଥିଲେ। ଆୟୋଜକ ସଂସ୍ଥା ତରଫରୁ ସହରର ବିଭିନ୍ନ ଅଞ୍ଚଳର ୧୩ ଅଙ୍ଗନବାଡି କେନ୍ଦ୍ର ବୁଲି ସର୍ଭେ କରିବା ସହ ଜନସାଧାରଣଙ୍କ ମତାମତ ଲୋଡିଥିଲେ।ଏଥିରେ ଜଣାପଡଥିଲା ଭିନ୍ନ ଅଙ୍ଗନବାଡି କେନ୍ଦ୍ର ଖୋଲିବା ସହ ନିଜସ୍ୱ କୋଠାରେ ଏହା କାର୍ଯ୍ୟକାରୀ କରିବା। ପୁଷ୍ଟିକର ଖାଦ୍ୟ ପ୍ରତିଦିନ ବିତରଣ କରିବା, ଛୋଟଛୋଟ ପିଲାମାନଙ୍କୁ ବିଦ୍ୟାଳୟକୁ ଯିବା ପାଇଁ ଉତ୍ସାହିତ କରିବା ସହିତ ପାଠ୍ୟଉପକରଣ ଯୋଗାଇତାଲିମପ୍ରାପ୍ତ ଶିକ୍ଷକର ବ୍ୟବସ୍ଥା କରିବା, ରେଗୁଲାର ସ୍ୱାସ୍ଥ୍ୟପରୀକ୍ଷା କରିବା।ବାଧ୍ୟତା ମୂଳକଭାବେ ପ୍ରତିଦିନର କାର୍ଯ୍ୟାବଳୀ ସାଇନବୋର୍ଡରେ ଉପଲବ୍ଧ କରିବା ଓ ଏହାର ତଦାରଖ ପାଁ କମିଟି ଗଠନ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପ ଅଧିକାରୀ କିମ୍ବା କୌରସି ପଦାଧିକାରୀ ଏହାର ଦାୟିତ୍ୱ ପ୍ରଦାନ କରିବା। ଶେଷରେ ଏସବୁ କାର୍ଯ୍ୟକୁ ପରିଚାଳନା କରିବା ପାଇଁ ଏକ ଅଭିଯୋଗ କେନ୍ଦ୍ର ଖୋଲିବା ସହିତ ହେଲପଲାଇନର ବ୍ୟବସ୍ଥା କରିବା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଯୁବକ, ଶିକ୍ଷିତ ସମାଜଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ନିଖିଳ ଓଡ଼ିଶା

# ଏକକ ପାଠ୍ୟ

ବ୍ରହ୍ମପୁର,୨୯।୯(ଇମିସ): ହାଇସ୍କୁଲ ସ୍ତ
ଦେଶରେ ଏକକ ପାଠ୍ୟକ୍ରମ ଓ ପ୍ରବେଶ
ପ୍ରଚଳନ ନିଷ୍ପତ୍ତି ବିଳମ୍ବିତ ହେଉଛି। ଯ
ଶିକ୍ଷାନୁଷ୍ଠାନ ସଂସ୍ଥା ସିବିଏସଇ ଓ ଆଇସିଏସ

# పౌష్టికాహారంతో ఆరోగ్యం



సమావేశంలో మాట్లాడుతున్న బిబుప్రసాద్,



పాల్గొన్న అంగన్‌వాడీ కార్యకర్తలు

బరంపురం, న్యూస్‌లైన్: పౌష్టికాహారంతోనే ఆరోగ్యం సాధ్యమని, ప్రభుత్వం అందజేసే పౌష్టికాహారాన్ని పిల్లలకు సక్రమంగా పంపిణీ చేయాలని పాఠశాలల చైర్మన్ బిబుప్రసాద్ సాహు అంగన్‌వాడీ కార్యకర్తలకు సూచిం...

యూత్‌ఫర్ సోషల్ డెవలప్‌మెంట్ ఆధ్వర్యంలో బాలల సరంక్షణ పథకాలపై శనివారం నిర్వహించిన సదస్సులో ఆయన మాట్లాడారు. పిల్లల సంక్షేమానికి ప్రభుత్వం అనేక పథకాలు అమలు చేస్తోందన్నారు. అంగన్‌వాడీ...

ఆటపాటలతో కూడిన విద్యను బోధించాలని సూచించారు. సమస్యలుంటే అధికారుల దృష్టికి తీసుకెళ్లాలని కార్యకర్తలకు సూచించారు. కార్యక్రమంలో సీడీపీఓ శుభ శ్రీ పాల్, ఇంజిలికాట్ సీడీపీఓ సంగీత పాత్రో, శంభు...

# Social audit shows ICDS in poor light

## Trained citizen volunteers conduct survey in 13 major slums

Staff Reporter

**BERHAMPUR:** Services provided under the ICDS scheme are dismally poor in Berhampur, according to a social audit.

The social audit has been conducted by Youth for Social Development (YSD), a social research and development organisation. Trained citizen volunteers of the organisation conducted a survey for the social audit in 13 major slums of the city. They have studied the transparency and accountability of anganwadi centres and anganwadi workers through a data collected from beneficiaries, anganwadi workers, supervisors, vigilance monitoring committees, and government officials. The available infrastructure, information, provision as per the government guidelines at the anganwadi centres has also been checked.

Most of the beneficiaries of ICDS in Berhampur are from Scheduled Caste community constituting 59 per cent of total beneficiaries. Thirty-one per cent of the beneficiaries are from BPL families with an average monthly income of Rs. 3,435.

According to the findings of the social audit, more than half of the respondents complained that anganwadi centres are open for around 15 days in a month. The items provided under Supplementary Nutritional Programme (SNP) are being provided to lactating mothers once in a month.

Some 56.6 per cent of the lactating mothers are found to be accessing health check-up services from anganwadi centres. The poor services at anganwadi centres are related to non-supply of iron and folic acid tablets, irregular health check-ups.

Some 65.6 per cent of the beneficiaries showed their dissatisfaction over services provided at the anganwadi centres. Most of the respondents, around 70 per cent, have stated that angawadi centres run in rented houses without basic facilities like toilet, classroom, kitchen, and playing space. As the funds provided for rent are quite low the anganwadi centres are not getting proper buildings on rent for the purpose. Surprisingly not a single anganwadi centre has proper toilets and separate toilet for girls as well as facility to store food items.

### No drug kits

Ninety per cent of the anganwadi centres did not have space for kitchen and classroom for preschool learning. Sixty per cent of the anganwadi centres do not have drug kits, 30 per cent have no drinking water facility and playing equipments and 10 per cent did not have cooking utensils. Only 40 per cent of the anganwadi centres have complaint register

Most of the anganwadis have alleged that it has become difficult to manage anganwadi centres with the budget provided by the government.

They have also complained about their insufficient remuneration. They wanted anganwadi centres to run in own buildings with ample space and amenities.

# ୱାଇଏସ୍‌ଡ଼ିର ସାମାଜିକ ସମୀକ୍ଷା କର୍ମଶାଳା

ବ୍ରହ୍ମପୁର, ୨।୯ (ବ୍ୟୁରୋ): ୟୁଥ୍ ଫର ସୋସିଏଲ୍ ଡ଼େଭଲପ୍‌ମେଣ୍ଟ ଏନ୍‌ଜିଓ ତରଫରୁ ଉତ୍କଳ ଆଶ୍ରମ ହଲ୍ ପରିସରରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସାମାଜିକ ସମୀକ୍ଷା ସଂପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର-୧ ର ସିଡ଼ିପିଓ ଶୁଭଶ୍ରୀ ପାତ୍ର, ବ୍ରହ୍ମପୁର-୨ ର ସିଡ଼ିପିଓ ବିଧୁପ୍ରଭା ରଥ, କୁକୁଡ଼ାଖଣ୍ଡି ସିଡ଼ିପିଓ ସଙ୍ଗିତା ପାତ୍ର ଓ ଖାଦ୍ୟ ସୁରକ୍ଷା ଅଭିଯାନର ରାଜ୍ୟ ଉପଦେଷ୍ଟା ଶମ୍ଭୁ ସାହୁ ଯୋଗ ଦେଇଥିଲେ। ୱାଇଏସ୍‌ଡ଼ିଓ ଏନ୍‌ଜିଓ ତରଫରୁ ବ୍ରହ୍ମପୁର ଏହାର ଆଖପାଖ ଅଞ୍ଚଳରେ ୧୩ଟି ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ଭିଜିଲାନ୍ସ ମନିଟରିଂ ସଂସ୍ଥା, ସରକାରୀ ଦପ୍ତର, ୧୨ଟି ୱାର୍ଡ଼ର ୩୯୩ଜଣ ହିତାଧିକାରୀ, ଦୁଇଜଣ ସିଡ଼ିପିଓ ଓ ୪ଜଣ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ସମେତ



ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ତର୍ଜମା କରି ଆଜି ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ଅନୁଯାୟୀ ଅର୍ଦ୍ଧାଧିକ ହିତାଧିକାରୀ ଅଙ୍ଗନୱାଡ଼ିରୁ ପ୍ରକୃତ ଲାଭ ଉଠାଇ ପାରୁନାହାନ୍ତି। ଅଙ୍ଗନୱାଡ଼ିରେ ହେଉଥିବା ଅନିୟମିତତା ବିଷୟରେ ଜାଣି ମଧ୍ୟ ସେମାନେ କେଉଁଠାରେ ଏହାର ଅଭିଯୋଗ କରିବେ ଏବିଷୟରେ ସଂପୂର୍ଣ୍ଣ ରୂପେ ଅଜ୍ଞ। ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ମଧ୍ୟ ଖରାପ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ବ୍ରହ୍ମପୁର-୨ ଭାଗର ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକ ବ୍ରହ୍ମପୁର-୧ ଭାଗର ଅଙ୍ଗନୱାଡ଼ି କେନ୍ଦ୍ର ଠାରୁ ଭଲ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରୁଛି ବୋଲି ଆଇସିଡ଼ିଏସ୍‌ର ସାମାଜିକ ସମୀକ୍ଷା ରିପୋର୍ଟ ମିଳିଛି। ଏଣୁ ଅଙ୍ଗନୱାଡ଼ି, ସୁପରଭାଇଜର ଓ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନଶୀଳ ହୋଇ ଠିକ୍ ଭାବେ କାମ କରିବା ଦ୍ୱାରା ପ୍ରକୃତ ଲକ୍ଷ୍ୟ ସାଧନ ହୋଇ ପାରିବ ବୋଲି ୱାଇଏସ୍‌ଡ଼ି ସମ୍ପାଦକ ବିଭୂ ପ୍ରସାଦ ସାହୁ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଆଜିର ଏହି କର୍ମଶାଳାରେ ବ୍ରହ୍ମପୁର, କୁକୁଡ଼ାଖଣ୍ଡି ଅଞ୍ଚଳରୁ ପ୍ରାୟ ୪୦ରୁ ଅଧିକ ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜରଙ୍କ ସମେତ ହିତାଧିକାରୀ ଉପସ୍ଥିତ ଥିଲେ।